ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ନୂଆଦିଲ୍ଲୀରେ ଖାଦ୍ୟ ଓ ଖାଉଟି ବ୍ୟାପାର ଜାତୀୟ ପରାମର୍ଶଦାତା ବୈଠକ

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଯୋଗଦେବେ

ଭୁବନେଶ୍ୱର, ୩୧ ଅଗଷ୍ଟ, ୨୦୧୯

ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥର ଉତ୍ପାଦନ, ସୁଲଭ ମୂଲ୍ୟ ଦୋକାନରେ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ଓ ଖାଉଟି ସୁରକ୍ଷା ଆଦି ସଂପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୂତ ଜାତୀୟ ପରାମର୍ଶଦାତା ବୈଠକ ସେପ୍ଟେମ୍ବର ୩ ତାରିଖ ଦିନ ନୂଆଦିଲ୍ଲୀର ବିଜ୍ଞାନଭବନଠାରେ ଅନୁଷ୍ଠିତ ହେବ । ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେବେ ।

କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନୀନ ବିତରଣ ମନ୍ତ୍ରୀ ଶ୍ରୀ ରାମବିଳାସ ପାଶ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀମାନେ ଯୋଗଦେବେ । ବୈଠକରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ବଜାର ଦରକୁ ନିୟନ୍ତ୍ରଣରେ ରଖିବା ଦିଗରେ ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋଚନା କରାଯିବ । ରାଜ୍ୟସ୍ତରରେ ମୂଲ୍ୟ ସ୍ଥିରୀକରଣ ପାଣ୍ଠି ଗଠନ, ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦର ଯାଞ୍ଚ, ବଜାର ଦରର ପୂର୍ବାନୁମାନ, ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ସିଧାସଳଖ ବିକ୍ରି ନିମନ୍ତେ ପ୍ରତିବନ୍ଧକ ଦୂର କରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନର ସରଳୀକରଣ ସଂପର୍କରେ ଆଲୋଚନା ହେବ ।

ବୈଠକରେ ରାଜ୍ୟମାନଙ୍କ ଦ୍ୱାରା ମଡେଲ୍ ଖାଉଟି ଆଇନ ପ୍ରଣୟନ, ଖାଉଟି ଅଦାଲତରେ ଖାଲି ପଡ଼ିଥିବା ପଦବୀ ପୂରଣ ଏବଂ ବିଭିନ୍ନ ଖାଉଟି କଲ୍ୟାଣ କାର୍ଯ୍ୟକ୍ରମ ପ୍ରଣୟନ କରିବା ଆଦି ବିଷୟରେ ମଧ୍ୟ ଆଲେଚନା ହେବାର କାର୍ଯ୍ୟକ୍ରମ ରହିଛି ।

ତାପସ କୁମାର ସାହା
ସୂଚନା ଅଧିକାରୀ